# Akashvani, Sambalpur

## SAMBALPURI NEWS EVENING BULLETIN

## 12 February 2025- 7.02 pm- 7.12 pm.

**********************************************

୧- ଆଏବା କାଏଲ୍‌ନୁ ମୁଲ୍ ହେବା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ।

- ଗୃହ କାର୍ଯ୍ୟର୍ ସୁପରିଚାଳନା ଲାଗି ସବୁ ଦଲର୍ ସହଯୋଗ୍ ମାଗ୍‌ଲେ ବାଚସ୍ପତି ।

୨- ମେଟ୍ରିକ୍ ଆର୍ ଯୁକ୍ତ ଦୁଇ ପରୀକ୍ଷା ଲାଗି ପଠାଗଲା ପ୍ରଶ୍ନପତ୍ର ।

୩- କନିଷ୍ଠ ଶିକ୍ଷକ୍‌ମାନ୍‌କର୍ ଦର୍‌ମା ବଢ଼୍‌ବାର୍ ବାବଦ୍ ବାହାର୍‌ଲା ବିଜ୍ଞପ୍ତି ।

ଆଉର୍

୪- ରାଏଜେ ବଢୁଛେ ତାତି- ୩୭ ଡିଗ୍ରୀ ତାତି ସହେତେ ଆଏଜ୍ ଝାର୍‌ସୁଗୁଡ଼ା ରାଜ୍ୟର୍ ସବୁନୁ ତତ୍‌ଲା ସହର୍ ।

ବିଧାନସଭା ସର୍ବଦଳୀୟ ବୈଠକ୍ ଭୁବନେଶ୍ୱର

ସମ୍ବାଦଦାତା

ବିଧାନସଭାର୍ ବଜେଟ୍ ଅଧିବେଶନ୍ ଆଏବାକାଏଲ୍ ଠାନୁ ମୁଲ୍ ହେବା । ଇତାର୍ ଆଘୋନୁ ବିଧାନସଭା ପରିସର୍‌ନ ଆଏଜ୍ ବାରସ୍ୱତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାଥି ଗୁଟେ ସର୍ବଦଳୀୟ ବୈଠକ୍ ହେଇଯାଇଛେ । ଗୃହକାର୍ଯ୍ୟ ସୁରୁଖୁରୁଥି ପରିଚାଲ୍‌ନା କର୍‌ବାର୍ ଲାଗି ବାଚସ୍ୱତି ସମ୍‌କର୍ ମତାମତ୍ ଆଉ ସହଯୋଗ୍ କାମ୍‌ନା କରିଛନ୍ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଶାସକ୍ ଦଲ୍ ମୁଖ୍ୟ ସଚେତକ୍ ସରୋଜ ପ୍ରଧାନ, ବିରୋଧି ଦଲର୍ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ୍ ଦଲ୍ ନେତା ରାମଚନ୍ଦ୍ର କାଡାମ୍ ଉପସ୍ଥିତ ଥିଲେ ।

ବଜେଟ୍ ଅଧିବେଶନ୍ ଆଘୋନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟିଙ୍କୁ ରାଜଭବନ୍ ନ ଭେଟିଛନ୍ । ଆଏବା କାଏଲ୍ ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ସଙ୍ଗେ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ମୁଲ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ବଜେଟ୍ ଅଧିବେଶନ୍ ୨ ଟା ଖେପେ ଚାଲ୍‌ବା । ଆଏବା କାଏଲ୍‌ନୁ ୨୧ ତାରିଖ୍‌ତକ୍ ପହେଲା ଖେପ୍ ଆର୍

ମାର୍ଚ୍ଚ ୭ ନୁ ଏପ୍ରିଲ୍ ୫ ତାରିଖ୍‌ତକ୍ ୨ ନମ୍ବର୍ ଖେପ୍ ଅଧିବେଶନ୍ ଚାଲ୍‌ବା । ଆଏବା ୧୭ ତାରିଖ୍ ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରାହେବା । ଅଧିବେଶନ୍‌ଥି ମୋଟ୍ ୨୮ ଟା କାର୍ଯ୍ୟଦିବସ୍ ରହିଛେ ।

ପେପର୍‌ଲେସ୍ ବିଧାନସଭା ଭୁବନେଶ୍ୱର ସମ୍ବାଦଦାତା

ବିଧାନସଭା ଗୃହକାର୍ଯ୍ୟ ବେଲେ ବିଧାୟକ୍‌ମାନେ କାଗଜ୍ ବଦ୍‌ଲେ ଏଥର ଟେବ୍ ବେଭାର୍ କର୍‌ବେ । ହେଥିର୍‌ଲାଗି ବିଧାନସଭା ନ ଥିବା ୧୪୭ଟା ବିଧାୟକ୍ ଆସନ୍ ସାମ୍ନାନ ଆଏଜ୍ ଟେବ୍ ଲଗାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଜାତୀୟ ଇ-ବିଧାନ ଆପ୍ଲିକେସନ୍' ଅଧିନ୍‌ଥି ଇ ଡିଜିଟାଲ୍ ହାଉସ୍‌କେ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ବାଚସ୍ପତୀ ସୁରମା ପାଢ଼ୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ । ବିଧାନ୍‌ସଭାର ପ୍ରଶ୍ନୋତର୍ କାର୍ଯ୍ୟକ୍ରମ୍‌ଠାନୁ ମୁଲ୍ କରି କରି ମୋସନ୍, କାଗଜ୍ ଉପସ୍ଥାପନ୍ କାମ୍ ସବୁ ଟେବ୍ ଜରିଏ କରାଯିବା ।

ରାଜ୍ୟପାଲ୍          ପି.ଆଇ.ବି.

ପୁର୍‌ଥିକେ ପରିବର୍ତନ୍ କର୍‌ବାର୍ ବାଗିର୍ ଜ୍ଞାନ୍‌ର ମାହୋଲ୍ ବନାବାର୍ ଦର୍‌କାର୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଆଇଆଇଟି ଭୁବ୍‌ନେଶ୍ୱର୍‌ର ୧୭ ନମ୍ବର୍ ପ୍ରତିଷ୍ଠା ଦିବସ୍‌ଥି ଯୋଗ୍ ଦେଇକରି ସେ କହିଛନ୍, ଛାତ୍ରଛାତ୍ରୀମାନ୍‌କୁ ଦୁନିଆ ବଦ୍‌ଲାବାର୍ ଲାଗି ଦକ୍ଷ ବନାବାର୍ ଜରୁରୀ ଆଏ । ଇ ଦିଗେ ଆଇଆଇଟି ଭୁବ୍‌ନେଶ୍ୱର୍‌ର ବଡ଼୍ ଭୂମିକା ରହିଛେ ଆର୍ ଇଟା ଆଗ୍‌କେ ଭିଲ୍ ରହେବା ବଲି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି କହିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ ଦିଗେ ଆଇଆଇଟି ଭୁବ୍‌ନେଶ୍ୱର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପ୍‌ରେ ଆଲୋକପାତ କରିଥିଲେ ।

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ          I&PR

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ବିଜୁ ପଟ୍ଟନାୟକ୍ ପଡ଼ିଆ ଠାନେ ଆଏବା ୧୪ ନୁ ୧୬ ତାରିଖ୍‌ତକ୍ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ୍ ହେବା । ବିଭାଗ୍‌ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଏଜ୍ ସମାବେଶ୍‌ର ଲୋଗୋ ଆର୍ ମାସ୍‌କଟ୍ ଉନ୍ମୋଚନ୍

କରିକରି କହିଛନ୍, ଇ ବଛର୍ ସମାବେଶ୍ର ବିଷୟବସ୍ତୁ ହେଉଛେ 'ମତ୍ସ୍ୟ ଓ ପ୍ରାଣୀ ପାଳନ, ଜୀବନ ଜୀବିକା, ଜୈବ ସନ୍ତୁଳନ' । ସମାବେଶ୍ଥି ରାଜ୍ୟର୍ ଫି' ବ୍ଲକ୍ନୁ ୨୬ ଝନ୍ ଲେଖା ଚାଷୀ ଯୋଗ୍ ଦେବେ । ଇତାର୍ସହେତେ ଫି' ଉପଖଣ୍ଡନୁ ୪ ଝନ୍ ଲେଖା ପ୍ରାଣୀ ପାଳକ ଆର୍ ମତ୍ସ୍ୟ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା । ଇ ଅବ୍ସରେ ମନ୍ତ୍ରୀ ପଚାରନ୍ତୁ କାର୍ଯ୍ୟକ୍ରମ୍ଥି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ସିଧାସଳଖ୍ ଚାଷୀମାନ୍କର୍ ପ୍ରଶ୍ନର୍ ଉତର୍ ରଖିବେ । ସେନ୍ତା ଭିନ୍ ଭିନ୍ ରାଏଜ୍ର ମଇଁଷି, ଗାଏ ଆର୍ କୁକୁର୍ ମାନ୍କର୍ ପ୍ରଦର୍ଶନୀ ହେବା ବଲି ମନ୍ତ୍ରୀ କହିଛନ୍ ।

ପରୀକ୍ଷା-ପ୍ରଶ୍ନପତ୍ର ହି.ସ.

ଯୁକ୍ତ ଦୁଇ ପରୀକ୍ଷା ଲାଗି ଆଏଜ୍ କଡ଼ା ସୁରକ୍ଷା ଭିତ୍ରେ ପଶ୍ଚିମ ଆର୍ ଦକ୍ଷିଣ୍ ଓଡ଼ିଶାର୍ ଭିନ୍ ଭିନ୍ ପରୀକ୍ଷାକେନ୍ଦ୍ରମାନ୍କେ ପ୍ରଶ୍ନପତ୍ର ପଠାଯାଇଛେ । ଇ ବଛର୍ ୨ ଶହ ୫ ଟା ପରୀକ୍ଷା କେନ୍ଦ୍ର ନ ଆଏବା ୧୮ ତାରିଖିନୁ ହେବାର୍କେ ଥିବା ଯୁକ୍ତ ଦୁଇ ପରୀକ୍ଷାଥି ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

ସେନ୍ତା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତରଫ୍ରୁ ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ମେଟ୍ରିକ୍ ପରୀକ୍ଷା ଲାଗି ଭିଲ୍ ଆଏଜ୍‌ଠାନୁ ନୋଡ଼ାଲ୍ ସେଂଟର୍‌ମାନ୍‌କୁ ପ୍ରଶ୍ନପତ୍ର ପଠାଯାଇଛେ । ଇ ବଛର୍ ପ୍ରଶ୍ନପତ୍ର ଲିକ୍ ରୋକ୍‌ବାର୍ ଲାଗି ପ୍ରଶ୍ନପତ୍ର ମାନ୍‌କେ ଖାସ୍ ସିରିଏଲ୍ ନମ୍ବର୍ ବ୍ୟବସ୍ଥା କରାଯାଇଛେ । ଇଥିର୍‌ଲାଗି ୪ ଥାକିଆ ସ୍କ୍ୱାର୍ଡ଼ ବ୍ୟବସ୍ଥା ସହେତେ ଶହେ ୭୨ ଟା ଟିମ୍ ଗଠନ୍ କରାଯାଇଛେ । ଇ ବଛର୍ ୩୦ ଟା ଜିଲ୍ଲାର୍ ୩ ହଜାର୍ ୨୯ ଟା ପରୀକ୍ଷା କେନ୍ଦ୍ର ନ ୫ ଲାଖ୍ ୨୦ ହଜାର୍ ୬ ଶହ ୪୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

ପରୀକ୍ଷା ପେ ଚର୍ଚ୍ଚା- ଦୀପିକା ପାଦୁକୋନ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷାପେ ଚର୍ଚ୍ଚା ୨୦୨୫ କାର୍ଯ୍ୟକ୍ରମ୍‌ର ୨ ନମ୍ବର୍ ଶୃଙ୍ଖଳାଥି ମାନସିକ ସ୍ୱାସ୍ଥ୍ୟ ବକ୍ତା ଆର୍ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଆଏଜ୍ ଯୋଗ୍ ଦେଇକରି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ୍‌ର ସାମ୍ନା କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ସେ କହିଛନ୍, ଛାତ୍ରଛାତ୍ରୀ ବିଫଲତାକେ ନାଇଁ ଡରିକରି ନିଜର୍ ଦକ୍ଷତାର୍ ଉପ୍‌ରେ ଧ୍ୟାନ୍ ଦେବାର୍ ଆର୍ ଦୁର୍ବଲତା ଉପ୍‌ରେ କାମ୍ କର୍‌ବାର୍ ଉଚିତ୍ । ଛାତ୍ରଛାତ୍ରୀ ନିଜର୍

ମନର୍ ଦୁବିଧା ମନ୍ ଭିତ୍ରେ ନାଇଁ ରଖିକରି ପରିବାର୍ ଆର୍ ସାଙ୍ଗସାଥୀଙ୍କୁ ଖୁଲିକରି କହେବାର୍କେ ଚେଷ୍ଟା କରୁନ୍ ବଲି ଦୀପିକା ପାଦୁକୋନ୍ କହିଛନ୍ ।
(ଭଏସ୍ ଓଭର୍- ଦୀପିକା ପାଦୁକୋନ୍)

କନିଷ୍ଠ ଶିକ୍ଷକଙ୍କର୍ ଦର୍ମା ବଢ଼୍ଲା ଆଇ ଆଣ୍ଡ ପିଆର୍

ରାଜ୍ୟ ସରକାର ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନ୍ଙ୍କର୍ ଦର୍ମା ୧୧ ହଜାର୍ନୁ ୧୬ ହଜାର୍କେ ବଢ଼େଇଛନ୍ । ଇ ବଢ଼୍ତି ଦର୍ମା ପ୍ରାଥମିକ୍ ଆଉ ଉଚ୍ଚ ପ୍ରାଥମିକ୍ ସ୍କୁଲ୍ର କନିଷ୍ଠ ଶିକ୍ଷକ୍ମାନଙ୍କୁ ମିଲ୍ବା ବଲି ବିଦ୍ୟାଳୟ ଆର୍ ଗଣଶିକ୍ଷା ବିଭାଗ୍ ତର୍ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାନୁୟାରୀ ୧୬ ତାରିଖ ଇ ବାବଦ୍ ପ୍ରସ୍ତାବ୍କେ ଅନୁମୋଦନ୍ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍ଲେ ବୋନି କପୁର ଆଇ ଆଣ୍ଡ ପିଆର୍

ଓଡ଼ିଶା ବିଧାନସଭା ପ୍ରକୋଷ୍ଠନ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଖ୍ୟାତ୍ ବଲିଉଡ୍ ନିର୍ଦ୍ଦେଶକ୍ ବୋନି କପୁର୍

ଆଉ ତାଙ୍କ ପୁଅ ଅଭିନେତା ଅର୍ଜୁନ କପୁର ଭେଟିଛନ୍ । କଟକ୍ ବାରବାଟୀ ନ ହେବାର୍‌କେ ଥିବା ସେଲିବ୍ରିଟି କ୍ରିକେଟ୍ ଲିଗ୍‌ଥି ମୁଖିଆ କୁନୁଆ ଭାବେ ଯୋଗ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ନିମନ୍ତ୍ରଣ୍ ଦେଇଛନ୍ । ଇ ଅବ୍‌ସରେ ଅର୍ଜୁନ କପୁର କହିଛନ୍, ଓଡ଼ିଶାନ ଫିଲ୍ମ ଶୁଟିଂ କର୍‌ବାର୍ ଲାଗି ପ୍ରାକୃତିକ୍ ସୌନ୍ଦର୍ଯ୍ୟ ଆର୍ ସୁବିଧା ଭରି ରହିଛେ । ଇ ସବୁର୍ ପ୍ରଚାର୍ ପ୍ରସାର୍ ହେଲେ ଫିଲ୍ମ ନିର୍ମାତାମାନଙ୍କର୍ ଲାଗି ଓଡ଼ିଶା ଗୁଟେ ହବ୍ ହେଇଯିବା ଆର୍ ଇନର୍ ପର୍ଯ୍ୟଟନର୍ ବିକାଶ ହେବା ବଲି ଶ୍ରୀ କପୁର କହିଛନ୍ ।

ମାନବ ଚାଲାଣ୍-ସଚେତନତା        ପୁରୀ ସମ୍ବାଦଦାତା

ରେଲ୍ ଜରିଏ ଦେଶର୍ ଭିନ୍ ଭିନ୍ ଜାଗାନୁ ମହିଳାମାନ୍‌କର୍ ଚାଲାଣ୍ ହଉଛେ, ଇତାକେ ରୁକ୍‌ବାର୍ ଲାଗି ରେଲ୍‌ବାଇ ଅଧିକାରୀ ଆର୍ କର୍ମଚାରୀମାନ୍‌କର୍ ଦକ୍ଷତା ବିକାଶ୍ ହେବାର୍ ସହେତେ ବ୍ୟାପକ ସଚେତନତା ଦର୍‌କାର୍ ବଲି ପୁରୀ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଜାତୀୟ ମହିଳା କମିଶନ୍ ଅଧକ୍ଷା ବିଜୟା ରାହତ୍‌କର୍ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି କହିଛନ୍, ପଶ୍ଚିମ ଓଡ଼ିଶା ସହେତେ ଦେଶର୍ ବଡ଼ ବଡ଼ ରେଲ୍‌ଷ୍ଟେସନ୍ ମାନ୍‌କେ ଅଧିକାରୀମାନ୍‌କୁ ନେଇକରି ଏନ୍ତା ଦକ୍ଷତା ବିକାଶ୍ ଆର୍ ସଚେତନତା କାର୍ଯ୍ୟକ୍ରମ୍ କରାଯିବା । ଖାସ୍ କରି ମହିଳା ଚାଲାଣ୍, ଶିଶୁ ବିକ୍ରି ରୁକ୍‌ବାର୍ ଦିଗେ ଧ୍ୟାନ୍ ଦିଆଯିବା । ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୁକ୍‌କୁ ଭିଲ୍ ଇଥି ସାମିଲ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଶ୍ରୀମନ୍ଦିର୍- ଅମୃତ୍ ଅନ୍ନ I&PR

ପୁରୀ ଶ୍ରୀମନ୍ଦିର୍ ନ ମହାପ୍ରସାଦ୍ ବନାବାର୍‌ଥି ଜୈବିକ ଚାଉଲ୍ ଆର୍ ପନିପରିବା ବେଭାର୍ କର୍‌ବାର୍‌କେ ସର୍‌କାର୍ ଙ୍କର୍ ତର୍‌ଫୁ ନିଷ୍ପତି ନିଆଯାଇଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଆର୍ କୃଷି ଆର୍ କୃଷକ୍ ସଶକ୍ତିକରଣ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ଇ ବାବ୍‌ଦେ ହେଇଥିବା ଗୁଟେ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଶ୍ରୀ ପାଢ଼ୀ କହିଛନ୍, ରଥଯାତ୍ରା ବେଲେ ଭିଲ୍ ଲାଗି ହେଉଥିବା ଭୋଗଥି ଭିଲ୍ ଜୈବିକ ଚାଉଲ୍ ଆର୍ ପନିପରିବା ବେଭାର୍ କରାଯିବା । ସେ କହିଛନ୍, ଅମୃତ୍ ଅନ୍ନ ନାଁଥି ଗୁଟେ ଖାସ୍ ପ୍ରକଳ୍ପ ମୁଲ୍ ହେବା । ସର୍‌କାର୍‌ଙ୍କର୍

ଇ ନିଷ୍ପତିକେ ସୁଆର ଆର୍ ମହାସୁଆର ନିଯୋଗ ଭିଲ୍ ସହମତି ଦେଇଛେ ।

ମହାକୁମ୍ଭ ମେଳା ଆର୍ଏନ୍ୟୁ/

ପ୍ରୟାଗ୍ରାଜ୍ ମହାକୁମ୍ଭ ମେଳା ନ ଆଏଜ୍ ମାଘ୍ ପୁନି ଉଧେ ଅମୃତ୍ ସ୍ନାନ୍ ଚାଲିଛେ । କଳ୍ପବାସ ନୀତି ପାଲନ୍ କରୁଥିବା ଶ୍ରଦ୍ଧାଳୁମାନ୍କର୍ ଲାଗି ଗୁର୍ଦୁଟେ ମହତ୍ୱ ରହିଛେ । ପରମ୍ପରା ଅନ୍ସାରେ ମାଘ୍ ପୁନିତକ୍ ପ୍ରୟାଗ୍ରାଜ୍ ଠାନେ ସଂଗମ୍ ନ କଳ୍ପବାସ ନୀତି ପାଲନ୍ କଲେ ବହୁତ୍ ବଛର୍ର ତପସ୍ୟାର୍ ଫଲ୍ ମିଲ୍ସି ବଲି ବିଶ୍ୱାସ୍ ରହିଛେ । ଇ ବଛର୍ ୧୦ ଲାଖ୍ନୁ ଅଏତ୍କା ଶ୍ରଦ୍ଧାଳୁ କଳ୍ପବାସ ନୀତି ପାଲନ୍ କରିଛନ୍ ।

ମାଘ୍ମେଳା ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଖଲିଆପାଲି ଠାନେ ଚାଲିଥିବା ମାଘ୍ମେଳାର୍ ପୂର୍ଣ୍ଣମୀ ସମାରୋହଥି ଆଏଜ୍ ଶ୍ରଦ୍ଧାଳୁମାନ୍କର୍ ଜବର୍ ଭିଡ୍ ଦେଖିବାର୍କେ ମିଲିଛେ । ସମାଧି ପୀଠ ପରିସର୍ ନ ଥିବା ଭୀମଭୋଇଙ୍କର୍ ସମାଧି ମନ୍ଦିର୍, ଶୂନ୍ୟମନ୍ଦିର୍ ଆର୍ କଠଉ

ମନ୍ଦିର୍ ନ ପାରମ୍ପରିକ୍ ରୀତିନୀତି ନ ପୂଜାର୍ଚ୍ଚନା ହେଇଛେ । ସମାଧୀ ପୀଠ ନ ଶହେ ୮ ପାଖୁଡ଼ା ଝାଡ଼ବତୀ ଲଗାଯାଇଛେ । ଇ ଅବ୍‌ସରେ କବି ଭୀମଭୋଇଙ୍କର୍ ଲିଖିତ୍ କବିତା ଆର୍ ଧର୍ମୀୟ ଦର୍ଶନ୍‌କେ ନେଇକରି ସାରସ୍ୱତ୍ କଥାଚକ୍ର ହେଇଯାଇଛେ ।

ଇଂଟର୍‌ନେଟ୍ ସୁରକ୍ଷା ଦିବସ ଦେବ୍‌ଗଡ଼୍ ସମ୍ବାଦଦାତା

ଇଂଟର୍‌ନେଟ୍ ସୁରକ୍ଷା ଦିବସ୍ ଅବ୍‌ସରେ ଦେବ୍‌ଗଡ଼୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାନେ ସାଇବର୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇଂଟର୍‌ନେଟ୍‌ର ଉପକାରିତା ଆର୍ ଅପକାରିତା ବାବ୍‌ଦେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା, ବିଜ୍ଞାନ୍ ଅଧିକାରୀ ଡିଜିଟାଲ୍ ଆରେଷ୍ଟ, ଡିପ୍ ଫେକ୍, ୟୁପିଆଇ ପେମେଂଟ୍ ଠକେଇ, ସାଇବର୍ ସୁରକ୍ଷା ବାବଦ୍ ଭିନ୍ ଭିନ୍ ବିଷେଥି ଛାତ୍ରଛାତ୍ରୀମାନ୍‌କୁ ବୁଝେଇଥିଲେ ।

ସୁରକ୍ଷିତ୍ ଇଂଟର୍‌ନେଟ୍ ଦିବସ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍ଙ୍କର୍ ସମ୍ମିଲନୀ କକ୍ଷ ଠାନେ ସୁରକ୍ଷିତ୍ ଇଂଟର୍ନେଟ୍ ଦିବସ୍ ପାଲିତ୍ ହେଇଛେ । ଜିଲ୍ଲାପାଳ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳା ନ ସବୁ ଅଧିକାରୀ ଆର୍ କର୍ମଚାରୀ ମାନ୍କୁ ଇଂଟର୍ନେଟ୍ ବେଭାର୍ ଆର୍ ତାର୍ ଉପକାରିତାର୍ ଲାଭ୍ ନେବାର୍ ବାବ୍ଦେ ଆଲୋଚନା କରାଯାଇଥିଲା । ଇତାର୍ଉତ୍ରୁ ପ୍ରଶାସନ୍ ତର୍ଫୁ ନୂଆପଡ଼ା ପଲିଟେକ୍ନିକ୍ କଲେଜ୍ ଠାନେ ଇ ବାବଦ୍ ଗୁଟେ କର୍ମଶାଳାଥି ଛାତ୍ରଛାତ୍ରୀଙ୍କୁ ଇଂଟର୍ନେଟ୍ ବେଭାର୍କେ ନେଇକରି ସଚେତନ୍ କରାଯାଇଥିଲା ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ହଲ୍ଠାନେ ଓଡ଼ିଶା ରାଜ୍ୟ ମହିଳା କମିଶନ୍ ଆଉ ଜିଲ୍ଲା ସମାଜ୍ ମଙ୍ଗଲ୍ କାର୍ଯ୍ୟାଳୟ ତର୍ଫୁ ଦିନ୍କିଆ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଥିଲେ । ପାରିବାରିକ୍ ଆର୍ ଘରୋଇ ହିଂସା ନିରାକରଣ୍ ଆଇନ୍ ସହେତେ ଭିନ୍ ଭିନ୍ ଆଇନ୍ଥି ଥିବା ନୀତି ନିୟମ୍ ବାବ୍ଦେ

ଅତିଥି ମାନେ କହିଥିଲେ । ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଆର୍ ମହିଳାମାନ୍‌କୁ ସାଧନ୍ କର୍ମୀମାନେ ତାଲିମ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଝାର୍‌ସୁଗୁଡ଼ା ନ ୩୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ । ଆଏଜ୍ ରାଜ୍ୟର ୯ଟା ସହରର ଦିନର୍ ତାପମାତ୍ରା ୩୫ ଡିଗ୍ରୀ ଉପ୍‌ରେ ରହିଥିଲା । ଆଏବା ୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍‌ଉତ୍‌ରୁ ସବୁନୁ କମ୍ ତାପମାତ୍ରା ୩ ନୁ ୫ ଡିଗ୍ରୀ ତକ୍ କମ୍‌ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।